# ଅଷ୍ଟମ ପରିଚ୍ଛେଦ

## ବିବିଧ ବୃତ୍ତି

### ୮୫ । ଉପକ୍ରମ

ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଢେଙ୍କାନାଳ ଏବଂ ତାଳଚେର ଗଡଜାତର କମାରମାନେ ସ୍ଥାନୀୟ ଲୋକଙ୍କ ବ୍ୟବହାର ପାଇଁ କୁରାଢ଼ି, ଶାବଳ, କଟୁରି, କୋଦାଳ, ଫାଉଡା, ଦା ଏବଂ ଛୁରୀ ପ୍ରଭୃତି ଲୌହ ଉପକରଣମାନ ତିଆରି କରୁଥିଲେ । ଢେଙ୍କାନାଳରେ ଗୋଟିଏ ବା ଦୁଇଟି ପରିବାର ହାତୀଦାନ୍ତର ଉତ୍କୃଷ୍ଟ କାମ କରୁଥିଲେ । ଅଧିକାଂଶ ବାସିନ୍ଦା ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିଲେ ଏବଂ ସେମାନଙ୍କର ଅନ୍ୟାନ୍ୟ ବୃତ୍ତି ଗୌଣ ଥିଲା । ଏଠାର ଲୋକମାନେ ସାଧାରଣତଃ କୃଷିଜୀବୀ ଏବଂ ଶ୍ରମିକ—ଏହି ଦୁଇ ଶ୍ରେଣୀରେ ବିଭକ୍ତ ଥିଲେ । କୃଷିଜୀବୀମାନଙ୍କର ସଂଖ୍ୟା ଶ୍ରମିକମାନଙ୍କ ସଂଖ୍ୟାଠାରୁ ଯଥେଷ୍ଟ ବେଶୀ ଥିଲା । ସାଧାରଣ ଗ୍ରାମ୍ୟ ବ୍ୟବସାୟର ଉନ୍ନତି ସକାଶେ ତାଳଚେରଠାରେ ପୂର୍ବତନ ଶାସନ-ମୁଖ୍ୟ ଏକ ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରେ ଉତ୍କୃଷ୍ଟ ଧରଣର ଚମଡା କାମ, ବିଶେଷ କରି ବୁଟ୍ ଓ ଜୋତା ତିଆରି, ସୁନା ଓ ରୁପାର ଅଳଙ୍କାର ତିଆରି, ଉତ୍କୃଷ୍ଟ ଧରଣର ବଢ଼େଇ ଏବଂ କମାର କାମ ଶିକ୍ଷା ଦିଆଯାଉଥିଲା ।

ଏହି ସମୟରେ ଆଠମଲ୍ଲିକ ଗଡ଼ଜାତରେ ବହୁ ସଂଖ୍ୟକ କମାର ଲୁହା ତରଳାଇ ଜୀବିକା ଅର୍ଜନ କରୁଥିଲେ ଏବଂ ଏହି ଲୁହା ଉତ୍କୃଷ୍ଟ ଧରଣର ଥିଲା । ଲୋକମାନଙ୍କ ଚାଷ ପ୍ରଣାଳୀ ନିକୃଷ୍ଟ ଧରଣର ଥିଲା । ଜଙ୍ଗଲରେ ବହୁ ସମୟ କଟାଇବା, ଶିକାର କରିବା ଏବଂ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ଅର୍ଜନ କରିବାକୁ ସେଠାକାର ଲୋକେ ଅଧିକ ପସନ୍ଦ କରୁଥିଲେ । ଲୋକମାନଙ୍କର ପ୍ରଧାନ ଜୀବିକା ଥିଲା କୃଷି । ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ଶତକଡା ୬୬.୬ ଭାଗ ଚାଷ କାର୍ଯ୍ୟରେ, ୧.୩୮ ଭାଗ ବ୍ୟବସାୟରେ ଏବଂ ୪.୪୭ ଭାଗ ଲୋକ ଘରୋଇ, ସରକାରୀ କିମ୍ବା ଅନ୍ୟାନ୍ୟ ଚାକିରୀରେ ନିଯୁକ୍ତ ଥିଲେ । ଶତକଡା ୨୧.୯ ଭାଗ ଲୋକ ମୂଲ ଲାଗି ନିଜ ନିଜର ଭରଣପୋଷଣ କରୁଥିଲେ ।

ଏହି ସମୟରେ ହିନ୍ଦୋଳ ଗଡ଼ଜାତର ଲୋକମାନଙ୍କର ମଧ୍ୟ ପ୍ରଧାନ ଜୀବିକା ଥିଲା ଚାଷ । ଲୋକମାନେ ଅନୁନ୍ନତ ଏବଂ ଅଦୂରଦର୍ଶୀ ଥିଲେ । ଅନ୍ୟପକ୍ଷରେ ସେମାନେ ସ୍ୱଳ୍ପ ବ୍ୟୟରେ ଜୀବନ ଧାରଣ କରୁଥିଲେ ଏବଂ ସେମାନଙ୍କର ଚାହିଦା ମଧ୍ୟ ଖୁବ୍ କମ୍ ଓ ନିରାଡମ୍ବର ଥିଲା । ଗ୍ରାମ୍ୟ ଜୀବନ ପାଇଁ ସାଧାରଣ ଭାବେ ଆବଶ୍ୟକ ହେଉଥିବା ସାମଗ୍ରୀ ଗ୍ରାମର କାରିଗରମାନେ ଯୋଗାଉଥିଲେ । ସେଠାକୁ କଟକ ଏବଂ ଖଣ୍ଡପଡା ଗଡ଼ଜାତର କଣ୍ଟିଲୋରୁ ପିତ୍ତଳ ବାସନ ଆମଦାନୀ କରାଯାଉଥିଲା ।

ପାଲଲହଡ଼ା ଗଡ଼ଜାତର ଲୋକମାନେ ଅତ୍ୟନ୍ତ ଅନୁନ୍ନତ ଥିଲେ । ସେମାନେ ଅତି ଅଳ୍ପରେ ସନ୍ତୁଷ୍ଟ ରହୁଥିଲେ ଏବଂ ସେମାନଙ୍କର ଚାହିଦା ମଧ୍ୟ ଥିଲା ଖୁବ୍ କମ୍ । ବଣରୁ ସଂଗୃହୀତ ଫଳ ମୂଳ ଉପରେ ସେମାନେ ବହୁ ପରିମାଣରେ ନିର୍ଭର କରୁଥିଲେ । ବଣୁଆ ଜାତିର ଲୋକମାନେ ଲାଖ ଚାଷ, ଏଣ୍ଡିପୋକ ପାଳନ, ବଣରୁ ମହୁ, ଅଁଳା, ହରିଡ଼ା, ବାହାଡା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ ।

୧୯୦୧ ମସିହା ଜନଗଣନାରୁ ଜଣାଯାଏ ଯେ ଅନୁଗୋଳ * ଜିଲ୍ଲାରେ ସମୁଦାୟ ଲୋକସଂଖ୍ୟାର ଶତକଡା ୭୬.୦ ଭାଗ କୃଷି ଉପରେ ନିର୍ଭର କରୁଥିଲେ । ଚାଷ କାର୍ଯ୍ୟରେ ନିଯୁକ୍ତ ଥିବା ସମୁଦାୟ ଲୋକ ସଂଖ୍ୟାର ଶତକଡା ୩୫ ଭାଗ ପ୍ରକୃତପକ୍ଷେ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ । ଏମାନଙ୍କ ମଧ୍ୟରୁ ୧୦୦ ଜଣ ଖଜଣା ଆଦାୟ - କାରୀ, ୩୩,୦୦୦ ଜଣ କରଦାତା ଏବଂ ୧୮,୦୦୦ ଜଣ କୃଷି ଶ୍ରମିକ । ଜନସଂଖ୍ୟାର ଶତକଡା ୧୫ ଭାଗ ଲୋକ ବିଭିନ୍ନ ଶିଳ୍ପରେ ନିଯୁକ୍ତ ଥିଲେ । ଏମାନଙ୍କ ମଧ୍ୟରେ ୩,୦୦୦ ତନ୍ତୀ, ୨,୦୦୦ ଟୋକେଇ ଓ ମସିଣା ବୁଣାଳି ତଥା ବହୁ ସଂଖ୍ୟକ କୁମ୍ଭାର ଓ କମାର ଅନ୍ତର୍ଭୁକ୍ତ । ଜନସଂଖ୍ୟାର ଶତକଡା ୧.୦୬ ଭାଗ ଲୋକ ବାଣିଜ୍ୟ କରୁଥିଲେ । ଅନ୍ୟାନ୍ୟ ଧନ୍ଦାରେ ନିଯୁକ୍ତ ଲୋକଙ୍କ ମଧ୍ୟରୁ ୩,୦୦୦ ସଂଖ୍ୟା ବିଶିଷ୍ଟ ଗୋ-ପାଳକ ଥିଲେ ସର୍ବାଧିକ ।

ଅନୁଗୋଳ ସବ୍‌ଡିଭିଜନର ଲୋକମାନେ କ୍ଷେତ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିଲେ । ଗ୍ରାମବାସୀଙ୍କ ଛୋଟ ଛୋଟ ଚାହିଦା ମେଣ୍ଟାଇବା ଭଳି କ୍ଷୁଦ୍ର ଧରଣର ହସ୍ତଶିଳ୍ପମାନ ଅନୁସୃତ ହେଉଥିଲା । ଏଠାର ପାଣ ଓ ଅଳ୍ପ କେତେକ ତନ୍ତୀ ଲୁଗା ବୁଣୁଥିଲେ । ଗୋଡ୍ରା, ହାଡି ଓ ଡମମାନେ ଟୋକେଇ ବୁଣୁଥିଲେ । ହାଡି,

*୧୮୯୧ ମସିହାରେ ଅନୁଗୋଳ ଏବଂ କନ୍ଧମାଳ ନାମକ ଦୁଇଟି ସବ୍‌ଡିଭିଜନକୁ ନେଇ ଅନୁଗୋଳ ଏକ ସ୍ୱତନ୍ତ୍ର ଜିଲ୍ଲା ରୂପେ ଗଠିତ ହୋଇଥିଲା ।

Digitized by: Odishaarchives.gov.in for Gopabandhu Academy of Administration, Odisha

ଡମ, ପାଣ ଓ ଖଇରା ଜାତିର ଲୋକମାନେ ମସିଣା ତିଆରି କରୁଥିଲେ। ଡମ ଜାତିର ସ୍ତ୍ରୀ ଓ ପୁରୁଷ ଉଭୟେ ସୁନ୍ଦର ସୁନ୍ଦର ଟୋକେଇ ଏବଂ ଉତ୍କୃଷ୍ଟ ଧରଣର ତାଳପତ୍ର ମସିଣା ବୁଣୁଥିଲେ । କମାରମାନେ ଅନୁନ୍ନତ ଧରଣର କୁରାଢ଼ି, ଫାଳ ଏବଂ ଅନ୍ୟ କୃଷି ଉପକରଣମାନ ତିଆରି କରୁଥିଲେ । ଖଡୁରା ନାମକ ଏକ ଜାତିର ଲୋକ ପିତ୍ତଳ ଓ କଂସାର ଗହଣା, ଲୋଟା, ଦୀପ ( Lamp ) ପ୍ରଭୃତି ତିଆରି କରୁଥିଲେ । ଏହା ମଧ୍ୟରେ କେତେ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ଲୋକଙ୍କ ଜୀବିକାର ବିଶେଷ କିଛି ପରିବର୍ତ୍ତନ ଘଟିନାହିଁ । କୃଷିହିଁ ମୁଖ୍ୟ ଜୀବିକା ହୋଇ ରହିଛି ।

୧୯୫୧ ମସିହା ଜନଗଣନାରୁ ଏହା ଉପଲବ୍ଧ ହୁଏ ଯେ, ଜିଲ୍ଲାର ମୋଟ ୮,୩୯,୨୪୧ ଲୋକସଂଖ୍ୟା ମଧ୍ୟରୁ ୭,୦୨,୨୦୦ ଜଣ ସେମାନଙ୍କର ଜୀବିକା ନିର୍ବାହ ନିମିତ୍ତ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିଲେ । ଏମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ କୃଷକ ଓ ସେମାନଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନେ ମଧ୍ୟ ଅନ୍ତର୍ଭୁକ୍ତ । ବିଭିନ୍ନ ଅଣ-କୃଷିଭିତ୍ତିକ ବୃତ୍ତିରେ ନିଯୁକ୍ତ ଲୋକମାନଙ୍କୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ । (୧) ଉତ୍ପାଦନ (ଚାଷ ବ୍ୟତୀତ), (୨) ବାଣିଜ୍ୟ, (୩) ପରିବହନ ଏବଂ (୪) ଚାକିରି ସମେତ ଅନ୍ୟାନ୍ୟ ଧନ୍ଦା । ୧୯୫୧ ମସିହା ଜନଗଣନାକୁ ଭିତ୍ତିକରି ନିମ୍ନ ତାଲିକାରେ ବିଭିନ୍ନ ଜୀବିକା ଅବଲମ୍ବନ କରୁଥିବା ଲୋକମାନଙ୍କୁ ସେମାନଙ୍କର ମୁଖ୍ୟ ଜୀବିକା ନିର୍ବାହ ପନ୍ଥା ଅନୁଯାୟୀ ବିଭକ୍ତ କରାଯାଇଅଛି । ପ୍ରତ୍ୟେକ ଶ୍ରେଣୀରେ ଆତ୍ମନିର୍ଭରଶୀଳ, ସ୍ୱଳ୍ପ ଆୟକାରୀ ତଥା ଅଣଆୟକାରୀ ନିର୍ଭରଶୀଳ ବ୍ୟକ୍ତିଙ୍କ ସଂଖ୍ୟା ଦିଆଯାଇଅଛି ।

**୮୬ । ଜୀବିକା ନିର୍ବାହର ମୌଳିକ ପନ୍ଥା**

| ମୌଳିକ ପନ୍ଥା | ଆତ୍ମନିର୍ଭରଶୀଳ ବ୍ୟକ୍ତି | ଅଣ-ଆୟକାରୀ ନିର୍ଭରଶୀଳ ବ୍ୟକ୍ତି | ସ୍ୱଳ୍ପଆୟକାରୀ ନିର୍ଭରଶୀଳ ବ୍ୟକ୍ତି | ମୋଟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| **କୃଷି-ଭିତ୍ତିକ** | ୧,୯୨,୨୮୬ | ୪,୩୨,୫୮୩ | ୭୭,୩୩୧ | ୭,୦୨,୨୦୦ |
| **ଅଣ କୃଷି-ଭିତ୍ତିକ :–** | ୪୩,୪୭୯ | ୮୦,୧୪୧ | ୧୩,୪୨୧ | ୧,୩୭,୦୪୧ |
| (କ) ଉତ୍ପାଦନ (ଚାଷ ବ୍ୟତୀତ) | ୧୯,୧୯୦ | ୩୭,୯୧୬ | ୫,୮୩୨ | ୬୨,୯୩୮ |
| (ଖ) ବାଣିଜ୍ୟ | ୪,୬୮୭ | ୮,୩୭୪ | ୧,୨୦୦ | ୧୪,୨୬୧ |
| (ଗ) ପରିବହନ | ୧,୦୭୮ | ୧,୪୬୫ | ୧୩୯ | ୨,୬୮୨ |
| (ଘ) ଚାକିରି ସମେତ ଅନ୍ୟାନ୍ୟ ପନ୍ଥା | ୧୮,୫୨୪ | ୩୨,୩୮୬ | ୬,୨୫୦ | ୫୭,୧୬୦ |
| ମୋଟ | ୨,୩୫,୭୬୫ | ୫,୧୨,୭୨୪ | ୯୦,୭୫୨ | ୮,୩୯,୨୪୧ |

ମୁଖ୍ୟ ଜୀବିକାରେ ଆତ୍ମନିର୍ଭରଶୀଳ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀଭୁକ୍ତ କରାଯାଇଅଛି । ନିଜର ଜୀବନ ଧାରଣ ପାଇଁ ଯାହାର କୌଣସି ପନ୍ଥା ନାହିଁ କିମ୍ବା ନିଜ ଉପାର୍ଜନ ଯାହାପାଇଁ ଯଥେଷ୍ଟ ନୁହେଁ, ସେ ଯେଉଁ ବ୍ୟକ୍ତି ଉପରେ ପୁରା ବା ଆଂଶିକ ଭାବେ ନିର୍ଭର କରୁଛି, ତାକୁ ସେହି ବ୍ୟକ୍ତିର ଶ୍ରେଣୀଭୁକ୍ତ କରାଯାଇଅଛି । ଅଣ କୃଷି-ଭିତ୍ତିକ ଜୀବିକାରେ ନିଯୁକ୍ତ ଥିବା ୧,୩୭,୦୪୧ ଲୋକଙ୍କ ମଧ୍ୟରୁ ମାତ୍ର ଅଳ୍ପ କେତେ ହଜାର ଲୋକ ବାଣିଜ୍ୟ ଏବଂ ପରିବହନକୁ ନିଜର ଜୀବିକା ରୂପେ ଗ୍ରହଣ କରିଥିଲେ । ଚାଷ ବ୍ୟତୀତ କୋଇଲାଖଣି ଏବଂ ଜଙ୍ଗଲ ପ୍ରଭୃତିରୁ ହେଉଥିବା ଉତ୍ପାଦନକୁ ବହୁ ସଂଖ୍ୟକ ଲୋକ ନିଜର ବୃତ୍ତି ରୂପେ ଗ୍ରହଣ କରିଥିଲେ ।

Digitized by: Odishaarchives.gov.in for Gopabandhu Academy of Administration, Odisha

## ୮୭ । ଜୀବିକା ନିର୍ବାହର ଗୌଣ ପନ୍ଥା

୧୯୫୧ ମସିହା ଜନସୁମାରି ସମୟରେ ଆତ୍ମନିର୍ଭରଶୀଳ ଲୋକମାନଙ୍କର ଜୀବିକା ନିର୍ବାହର ଗୌଣପନ୍ଥାମାନ (ଯେବି କାହାରି କିଛିଥିଲା) ମଧ୍ୟ ହିସାବକୁ ନିଆଯାଇଥିଲା । ନିମ୍ନଲିଖିତ ତାଲିକାରେ ସେହି ବ୍ୟକ୍ତିମାନଙ୍କର ସଂଖ୍ୟା ଦିଆଗଲା । ଏଥି ସହିତ ସ୍ୱଳ୍ପ ଆୟକାରୀ ମାତ୍ର ଅନ୍ୟ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କର ବୃତ୍ତି ବିଷୟ ମଧ୍ୟ ଦର୍ଶାଯାଇଅଛି । ଆମ ଦେଶର ଅର୍ଥନୀତିରେ ପରିବାର ମୂଳପିଣ୍ଡ ( Basic Unit ) ହୋଇଥିବା ଦୃଷ୍ଟିରୁ ପରିବାର ଉପରେ ନିର୍ଭର କରୁଥିବା ଜଣେ ସ୍ୱଳ୍ପ ଆୟକାରୀ ବ୍ୟକ୍ତିର ଆୟ ପନ୍ଥାକୁ ତାହାର ଜୀବିକା ନିର୍ବାହର ଗୌଣ ଉପାୟ ବୋଲି ବିଚାର କରାଯାଇଥାଏ ।

ଜୀବିକା ନିର୍ବାହର ଗୌଣ ପନ୍ଥା

| କେଉଁ ଜୀବିକା ନିର୍ବାହ ଶ୍ରେଣୀରେ ସେମାନେ ଅନ୍ତର୍ଭୁକ୍ତ | ଜୀବିକା ନିର୍ବାହର ଗୌଣ ପନ୍ଥା | | | | |
|---|---|---|---|---|---|
| | କୃଷି | ଉତ୍ପାଦନ (କୃଷି ବ୍ୟତୀତ) | ବାଣିଜ୍ୟ | ପରିବହନ | ଅନ୍ୟ ପନ୍ଥା ଏବଂ ବିବିଧ ଉପାୟ |
| (୧) | (୨) | (୩) | (୪) | (୫) | (୬) |
| **କୃଷି :—** | | | | | |
| ଆତ୍ମନିର୍ଭରଶୀଳ | .. | ୧୨,୯୯୧ | ୫,୩୨୯ | ୫୯୧ | ୧୮,୩୮୩ |
| ସ୍ୱଳ୍ପ ଆୟକାରୀ ନିର୍ଭରଶୀଳ | ୩୬,୪୧୨ | ୧୪,୬୩୫ | ୪,୩୭୮ | ୨୫୮ | ୧୮,୭୬୯ |
| **ଉତ୍ପାଦନ (କୃଷି ବ୍ୟତୀତ) :—** | | | | | |
| ଆତ୍ମନିର୍ଭରଶୀଳ | ୫,୯୮୩ | ୩୫୨ | ୯୭ | ୧୧୬ | ୭୨୭ |
| ସ୍ୱଳ୍ପ ଆୟକାରୀ ନର୍ଭରଶୀଳ | ୨,୮୪୬ | ୧,୧୦୭ | ୮୮୭ | ୧୩ | ୯୭୭ |
| **ବାଣିଜ୍ୟ :—** | | | | | |
| ଆତ୍ମନିର୍ଭରଶୀଳ | ୧,୧୧୮ | ୭୮ | ୮୮ | ୬ | ୧୩୮ |
| ସ୍ୱଳ୍ପ ଆୟକାରୀ ନିର୍ଭରଶୀଳ | ୪୮୪ | ୨୭୭ | ୧୯୬ | ୮ | ୨୩୫ |
| **ପରିବହନ :—** | | | | | |
| ଆତ୍ମନିର୍ଭରଶୀଳ | ୪୬୭ | ୬୮ | ୫ | ୧୨ | ୯ |
| ସ୍ୱଳ୍ପ ଆୟକାରୀ ନିର୍ଭରଶୀଳ | ୩୬ | ୩୯ | ୨୮ | ୮ | ୨୮ |
| **ଅନ୍ୟାନ୍ୟ ଚାକିରି ଏବଂ ବିବିଧ ପନ୍ଥା :—** | | | | | |
| ଆତ୍ମନିର୍ଭରଶୀଳ | ୪,୯୬୧ | ୩୨୧ | ୧୫୮ | ୧୭ | ୪୫୯ |
| ସ୍ୱଳ୍ପ ଆୟକାରୀ ନିର୍ଭରଶୀଳ | ୨,୫୨୩ | ୧,୧୪୬ | ୨୮୯ | ୧୦ | ୨,୨୮୬ |

Digitized by: Odishaarchives.gov.in for Gopabandhu Academy of Administration, Odisha

୧୯୫୪-୫୫ ମସିହାରେ ଅନୁଷ୍ଠିତ ଓଡ଼ିଶାର ଅର୍ଥନୈତିକ ସର୍ଭେରେ ଏହି ଜିଲ୍ଲାର ଶତକଡ଼ା ୮୫·୬ ଭାଗ ଲୋକ କୃଷି ଉପରେ ନିର୍ଭର କରୁଥିଲେ ବୋଲି ଉଲ୍ଲେଖ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ଶତକଡ଼ା ୫୬·୩ ଭାଗ ନିଜର ଜମିଥିବା ଚାଷୀ ଏବଂ ଶତକଡ଼ା ୦·୮ ଭାଗ ଜମିହୀନ ଚାଷୀ । ଶତକଡ଼ା ୨·୬ ଭାଗ ପରିବାର ଜମି ମାଲିକ ଥିଲେ, ମାତ୍ର ନିଜେ ଚାଷ କରୁ ନ ଥିଲେ ଏବଂ ୨୫·୯ ଭାଗ ପରିବାରର ଲୋକେ କୃଷି ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ । ଅଣକୃଷି ପରିବାର ମଧ୍ୟରୁ ଶତକଡ଼ା ୦·୮ ଭାଗ ବ୍ୟବସାୟରେ, ୩·୭ ଭାଗ କୃଷି ବ୍ୟତୀତ ଅନ୍ୟାନ୍ୟ ଉତ୍ପାଦନକ୍ଷମ ବୃତ୍ତିରେ ଏବଂ ୩·୮ ଭାଗ ଚାକିରି ତଥା ଅନ୍ୟାନ୍ୟ ଧନ୍ଦାରେ ନିଯୁକ୍ତ ଥିଲେ ।

୧୯୬୧ ମସିହା ଜନଗଣନାରୁ ସ୍ପଷ୍ଟ ଜଣାଯାଏ ଯେ ସମୁଦାୟ ଲୋକ ସଂଖ୍ୟା ୧,୦୨୮,୯୩୫ ମଧ୍ୟରୁ ୩୧୧,୩୨୯ ଜଣ କୃଷି ଉପରେ ନିର୍ଭରଶୀଳ ଥିଲେ । ଏମାନଙ୍କ ମଧ୍ୟରେ ଉଭୟ ଚାଷୀ ଏବଂ କୃଷି ଶ୍ରମିକ ଅନ୍ତର୍ଭୁକ୍ତ । ଏହି ଜିଲ୍ଲାରେ ଖଣି ଓ ପଥର କଟା କାମରେ ୪,୨୨୦ ଜଣ, ଘରୋଇ ଶିଳ୍ପରେ ୪୩,୧୦୦ ଜଣ, ଉତ୍ପାଦନ କାର୍ଯ୍ୟରେ ୧,୧୨୬ ଜଣ, ନିର୍ମାଣ କାର୍ଯ୍ୟରେ ୬୯୯ ଜଣ, ବ୍ୟବସାୟ ଓ ବାଣିଜ୍ୟରେ ୪,୯୯୧ ଜଣ, ପରିବହନରେ ୭୬୩ ଜଣ ଏବଂ ଅନ୍ୟାନ୍ୟ ବୃତ୍ତିମାନଙ୍କରେ ୫୯,୦୩୨ ଜଣ ଲୋକ ନିଯୁକ୍ତ ଥିଲେ । ଏମାନଙ୍କ ବ୍ୟତୀତ ଏହି ଜିଲ୍ଲାରେ ଆହୁରି ୬୦୩,୬୭୫ ଜଣ ବୃତ୍ତିହୀନ ଲୋକ ଥିଲେ ଯେଉଁମାନେ ମୁଖ୍ୟତଃ ଶିଶୁ, ଛାତ୍ର, ଗୃହିଣୀ, ନାବାଳକ, ଭଡ଼ାଦାର, ଭିକାରୀ ଏବଂ ବାରବୁଲା ଶ୍ରେଣୀର ଅନ୍ତର୍ଭୁକ୍ତ । ୧୯୬୧ ମସିହା ଜନଗଣନା ସମୟରେ ଶ୍ରମିକର ସଂଜ୍ଞା ପୂର୍ବ ଜନଗଣନା ସଂଜ୍ଞା ଠାରୁ ପୃଥକ ହୋଇଥିବା ଦୃଷ୍ଟିରୁ ୧୯୬୧ ମସିହାର ଶ୍ରମିକମାନଙ୍କ ସଂଖ୍ୟା ୧୯୫୧ ମସିହାର ଶ୍ରମିକମାନଙ୍କର ସଂଖ୍ୟା ସହିତ ତୁଳନା କରିବା ସମ୍ଭବ ନୁହେଁ ।

୧୯୬୧ ମସିହା ଜନଗଣନା ଅନୁଯାୟୀ ଏହି ଜିଲ୍ଲାର ବିଭିନ୍ନ ସବ୍‌ଡିଭିଜନ ଏବଂ ସହରାଞ୍ଚଳ ଲୋକମାନଙ୍କର ଜୀବନ ନିର୍ବାହ ପନ୍ଥାର ଶ୍ରେଣୀ ବିଭାଗ ପରିଶିଷ୍ଟ ୧ ଏବଂ ୨ ରେ ଦିଆଯାଇଛି ।

୧୯୭୧ ମସିହା ଅସ୍ଥାୟୀ (Provisional) ଜନଗଣନା* ଅନୁସାରେ ଏହି ଜିଲ୍ଲାର ମୋଟ ଲୋକସଂଖ୍ୟା ଥିଲା ୧,୨୯୪,୧୨୬ । ଏହା ମଧ୍ୟରୁ ୬୫୩,୮୮୧, ଜଣ ପୁରୁଷ ଏବଂ ୬୪୦,୨୪୫ ଜଣ ସ୍ତ୍ରୀ । ମୋଟ ଲୋକ ସଂଖ୍ୟା ମଧ୍ୟରୁ ୧,୨୪୨,୨୭୪ ଜଣ ଗ୍ରାମାଞ୍ଚଳରେ ଏବଂ ୫୧,୮୫୨ ଜଣ ସହରାଞ୍ଚଳରେ ବାସ କରନ୍ତି । ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡା ୪·୦୭ ଭାଗ ।

ଏହି ଜିଲ୍ଲାର ମୋଟ ୩୮୯,୮୯୪ ଜଣ ଶ୍ରମଜୀବୀଙ୍କ ମଧ୍ୟରୁ ୩୫୮,୫୪୦ ଜଣ ହେଉଛନ୍ତି ପୁରୁଷ ଏବଂ ୩୧,୩୫୪ ଜଣ ସ୍ତ୍ରୀ । ଜିଲ୍ଲାର ଶ୍ରମଜୀବୀମାନଙ୍କ ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡା ୩୦·୧ ଭାଗ । ସେହିପରି ପୁରୁଷ ଏବଂ ସ୍ତ୍ରୀ ଶ୍ରମିକଙ୍କ ସଂଖ୍ୟା ମୋଟ ପୁରୁଷ ଏବଂ ସ୍ତ୍ରୀ ସଂଖ୍ୟାର ଯଥାକ୍ରମେ ଶତକଡା ୫୪·୮ ଭାଗ ଏବଂ ୪·୯ ଭାଗ । ୧୯୬୧ ମସିହାରେ ଶ୍ରମିକମାନଙ୍କର ସଂଖ୍ୟାଥିଲା ମୋଟ ଲୋକସଂଖ୍ୟାର ଶତକଡା ୪୧·୩ ଭାଗ । ସେହିପରି ସ୍ତ୍ରୀ ଏବଂ ପୁରୁଷ ଶ୍ରମିକଙ୍କ ସଂଖ୍ୟା ମୋଟ ପୁରୁଷ ଏବଂ ସ୍ତ୍ରୀ ଲୋକସଂଖ୍ୟାର ଯଥାକ୍ରମେ ଶତକଡା ୫୯·୪ ଭାଗ ଏବଂ ୨୩·୧ ଭାଗ ଥିଲା । ଏକ ଦଶନ୍ଧି ମଧ୍ୟରେ ଶ୍ରମିକ ସଂଖ୍ୟାର ଏ ଯେଉଁ ବିରାଟ ତାରତମ୍ୟ ଦେଖାଦେଲା ତାହାର କୌଣସି ପ୍ରକାର ଅର୍ଥନୈତିକ ବିଶ୍ଳେଷଣ ସମ୍ଭବ ନୁହେଁ ।

ବିଭିନ୍ନ କାର୍ଯ୍ୟରେ ନିଯୁକ୍ତଥିବା ଜିଲ୍ଲାର ସମୁଦାୟ ଲୋକସଂଖ୍ୟା ମଧ୍ୟରୁ, ଚାଷୀ, କୃଷି-ମୂଲିଆ ଏବଂ ଅନ୍ୟାନ୍ୟ ଶ୍ରମିକଙ୍କ ସଂଖ୍ୟା ଯଥାକ୍ରମେ ଶତକଡା ୫୧·୨ ଭାଗ, ୨୬·୯ ଭାଗ ଏବଂ ୨୧·୯ ଭାଗ ଥିଲା । ୧୯୬୧ ମସିହାରେ ଏହି ସଂଖ୍ୟା ଯଥାକ୍ରମେ ଶତକଡା ୫୮·୬ ଭାଗ, ୧୪·୬ ଭାଗ ଏବଂ ୨୬·୮ ଭାଗ ଥିଲା ।

ଶ୍ରମିକ, ବିଶେଷତଃ ମହିଳା ଶ୍ରମିକମାନଙ୍କ ସଂଖ୍ୟାରେ ଏ ଯେଉଁ ହ୍ରାସ ଘଟିଲା ସେଥିନିମନ୍ତେ ୧୯୬୧ ମସିହା ତୁଳନାରେ ୧୯୭୧ ମସିହା ଜନଗଣନା ସମୟରେ କରାଯାଇଥିବା ଶ୍ରମିକ ମାନଙ୍କ ସଂଜ୍ଞାର ପରିବର୍ତ୍ତନ ହିଁ ଆଂଶିକ ଭାବରେ ଦାୟୀ ବୋଲି କୁହାଯାଇପାରେ । ୧୯୬୧ ମସିହାରେ ଘରୋଇ ଶିଳ୍ପ ଏବଂ ଚାଷ ଭଳି ଅର୍ଥନୈତିକ ଉତ୍ପାଦନ କାର୍ଯ୍ୟରେ ସାମୟିକ ସହାୟତା କରୁଥିବା ଗୃହିଣୀ ଓ ଛାତ୍ରମାନଙ୍କୁ ଶ୍ରମିକ ରୂପେ ଗଣନା କରାଯାଇଥିଲା । ମାତ୍ର ୧୯୭୧ ମସିହା ଜନସୁମାରିରେ କୌଣସି ପୁରୁଷ ବା ସ୍ତ୍ରୀ ମୁଖ୍ୟତଃ ଘରୋଇ କାର୍ଯ୍ୟରେ ନିଯୁକ୍ତ ଥାଇ କିମ୍ବା କୌଣସି ବାଳକ ବା ବାଳିକା ପାଠ ପଢୁଥିବା ଅବସ୍ଥାରେ ପରିବାରର ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ ଶ୍ରମିକ ହିସାବରେ ଗଣାଯାଇ ନାହିଁ ।

---

* ୧୯୭୧ (ଚୂଡ଼ାନ୍ତ) ଜନଗଣନା ଅନୁସାରେ ଏହି ଜିଲ୍ଲାର ମୋଟ ଲୋକସଂଖ୍ୟା ୧,୨୯୩,୯୧୪ । ଏଥି ମଧ୍ୟରୁ ୬୫୪,୩୩୪ ଜଣ ପୁରୁଷ ଏବଂ ୬୩୯,୫୮୦ ଜଣ ସ୍ତ୍ରୀ । ମୋଟ ଲୋକସଂଖ୍ୟା ମଧ୍ୟରୁ ୧,୨୪୨,୧୦୨ ଜଣ ଗ୍ରାମାଞ୍ଚଳରେ ଏବଂ ୫୧,୮୧୨ ଜଣ ସହରାଞ୍ଚଳରେ ବାସ କରନ୍ତି । ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡା ୪·୦ ଭାଗ ।

Digitized by: Odishaarchives.gov.in for Gopabandhu Academy of Administration, Odisha

କୃଷିଜୀବୀକୁ ତାର କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ନାନା କାରିଗରୀ, ବ୍ୟବସାୟ ଏବଂ ଅନ୍ୟବୃତ୍ତିମାନଙ୍କର ଅଭ୍ୟୁଦୟ ଘଟିଅଛି । ଜମିକୁ ଯିବାକୁ ହେଲେ ଚାଷୀର ଲଙ୍ଗଳ, କୁରାଳି, କୋଦାଳ ଏବଂ ଦା ଆବଶ୍ୟକ ହୋଇଥାଏ । ଅମଳ ସମୟରେ ତାର ଫସଲକୁ ବଜାରରେ ବିକ୍ରି କରିବା ପାଇଁ ଜଣେ ମଧ୍ୟସ୍ଥିର ଆବଶ୍ୟକତା ମଧ୍ୟ ରହିଛି । ତା'ର ପରିବାର ପାଇଁ ମଧ୍ୟ ବାସନକୁସନ, ପିନ୍ଧା ବସ୍ତ୍ର ଏବଂ ଅନ୍ୟାନ୍ୟ ବହୁସାମଗ୍ରୀ ଦରକାର । ତାର ଗୋରୁଗାଈଙ୍କର ଦେଖାଶୁଣା କରିବାପାଇଁ ମଧ୍ୟ ଅନ୍ୟ ଲୋକର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ତା'ର ମଧ୍ୟ ବାରିକ ଏବଂ ଧୋବା ଆବଶ୍ୟକ । ତେଣୁ ବହୁ ପ୍ରାଚୀନ କାଳରୁ ମୁଖ୍ୟତଃ କୃଷିଜୀବୀମାନଙ୍କର ଆବଶ୍ୟକତା ଦୃଷ୍ଟିରୁ କାରିଗରୀ ଓ ବ୍ୟବସାୟରେ ଦକ୍ଷଥିବା ବିଭିନ୍ନ ଶ୍ରେଣୀର ସୃଷ୍ଟି ହୋଇଥିଲା ।

ଏହା ବ୍ୟତୀତ ଏହି ଜିଲ୍ଲାରେ ବିଭିନ୍ନ ପେଷାରେ ନିଯୁକ୍ତ ଲୋକମାନଙ୍କ ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା ।

### ୮୮ । ଚିକିତ୍ସା ବ୍ୟବସାୟ (Medical Practitioners)

(କ) ଏଲୋପାଥିକ

୧୯୬୮ ମସିହାରେ ଜିଲ୍ଲାର ପ୍ରତି ୨୩,୯୨୮ ଜଣ ଲୋକ ଏବଂ ୨୫୪·୫୧ ବର୍ଗ କି : ମି : ପାଇଁ ଗୋଟିଏ ଲେଖାଏଁ ହାସପାତାଳ (Hospital), ଡିସପେନସାରୀ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରି ସ୍ୱାସ୍ଥ୍ୟାନୁଷ୍ଠାନମାନ ଥିଲା ।

ଏହି ଜିଲ୍ଲାରେ ୧୬ ଗୋଟି ହାସପାତାଳ ( Hospital ), ୧୬ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୫ ଗୋଟି ଡ଼ିସପେନସାରୀ ରହିଛି । ଏହାଛଡା ଭୁବନଠାରେ ଗୋଟିଏ ମାତୃମଙ୍ଗଳ କେନ୍ଦ୍ର ଏବଂ ଢେଙ୍କାନାଳଠାରେ ଗୋଟିଏ ମାତୃ ଓ ଶିଶୁମଙ୍ଗଳ କେନ୍ଦ୍ର ସ୍ଥାପିତ ହୋଇଅଛି । ୧୯୬୯ ମସିହାରେ ଏହିସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ୬୦ ଜଣ ଡାକ୍ତର, ୨୬ ଜଣ ନର୍ସ, ୫୨ ଜଣ କମ୍ପାଉଣ୍ଡର ଓ ଫାର୍ମାସିଷ୍ଟ, ୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ, ୧୨ ଜଣ ସ୍ୱାସ୍ଥ୍ୟ ନିରୀକ୍ଷକ, ୫୬ ଜଣ ଧାଈ ଏବଂ ୧୨ ଜଣ ସାହାଯ୍ୟକାରୀ ନର୍ସ (Auxiliary Nurse-midwives) ନିଯୁକ୍ତ ଥିଲେ ।

(ଖ) କବିରାଜି

ଏହି ଜିଲ୍ଲାରେ କବିରାଜି ମଧ୍ୟ ଲୋକପ୍ରିୟ । ବହୁଲୋକ ଏ ଚିକିତ୍ସା ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି । ସଂପ୍ରତି ଏହି ଜିଲ୍ଲାରେ ୧୧ ଗୋଟି କବିରାଜି ଡାକ୍ତରଖାନା (Dispensary) ରହିଅଛି । ପ୍ରତ୍ୟେକ ଡାକ୍ତରଖାନାରେ ଜଣେ ଲେଖାଏଁ କବିରାଜ ଅଛନ୍ତି ।

୧୯୬୧ ମସିହା ଜନଗଣନାରେ ଏହି ଜିଲ୍ଲାରେ ୧୪୭ ଜଣ କବିରାଜ ଥିଲେ । ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା କବିରାଜ ଅନ୍ତର୍ଭୁକ୍ତ ।

(ଗ) ହୋମିଓପାଥିକ୍

ଏହି ଜିଲ୍ଲାର ତଳମୂଳ ଗ୍ରାମରେ ଏକମାତ୍ର ସରକାରୀ ହୋମିଓପାଥିକ୍ ଡାକ୍ତରଖାନା (Dispensary) ରହିଅଛି । ଏହା ୧୯୬୫ ମସିହାରେ ସ୍ଥାପିତ ହୋଇଥିଲା । ୧୯୭୧ ମସିହାରେ ଏହି ଜିଲ୍ଲାରେ ୧୮୯ ଜଣ ସ୍ୱୀକୃତିପ୍ରାପ୍ତ ହୋମିଓପାଥିକ୍ ଡାକ୍ତର ଥିଲେ ।

### ୮୯ । ଶିକ୍ଷା ବୃତ୍ତି

୧୯୭୦ ମସିହାରେ ଏହି ଜିଲ୍ଲାର ୮୪ ଗୋଟି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ୮୪୯ ଜଣ ଶିକ୍ଷକ, ୨୭୬ଟି ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ୭୭୯ ଜଣ ଶିକ୍ଷକ, ୧,୪୮୧ ଟି ପ୍ରାଥମିକ ବିଦ୍ୟାଳୟରେ ୩,୨୩୬ ଜଣ ଶିକ୍ଷକ, ୫୪ ଟି ନିମ୍ନ ମୌଳିକ ବିଦ୍ୟାଳୟରେ ୧୭୫ ଜଣ ଶିକ୍ଷକ ଏବଂ ୬ ଟି ଉଚ୍ଚ ମୌଳିକ ବିଦ୍ୟାଳୟରେ ୫୬ ଜଣଶିକ୍ଷକ ନିଯୁକ୍ତ ଥିଲେ । ସେହିବର୍ଷ ଜିଲ୍ଲାର ଏକମାତ୍ର ମୌଳିକୋତ୍ତର ବିଦ୍ୟାଳୟରେ ୧୦ ଜଣ ଶିକ୍ଷକ, ଏକମାତ୍ର କଳା ଓ କାରିଗରୀ ବିଦ୍ୟାଳୟରେ ୨ ଜଣ ଶିକ୍ଷକ, ୪ ଗୋଟି ଆଶ୍ରମ ବିଦ୍ୟାଳୟରେ ୪୫ ଜଣ ଶିକ୍ଷକ, ୬୯ ଗୋଟି ସେବାଶ୍ରମ ବିଦ୍ୟାଳୟରେ ୧୩୩ ଜଣ ଶିକ୍ଷକ ଏବଂ ୪ ଗୋଟି ପ୍ରାଥମିକ ତାଲିମ ବିଦ୍ୟାଳୟରେ ୧୭ ଜଣ ଶିକ୍ଷକ ନିଯୁକ୍ତ ହୋଇଥିଲେ ।

ଏହି ଜିଲ୍ଲାରେ ସର୍ବମୋଟ ୧,୯୮୦ଟି ବିଦ୍ୟାଳୟ ଥିଲା । ଏହା ମଧ୍ୟରୁ ୧,୯୬୦ଟି ବିଦ୍ୟାଳୟ ବାଳକମାନଙ୍କ ନିମିତ୍ତ ଏବଂ ୨୦ଟି ବାଳିକାମାନଙ୍କ ସକାଶେ ଉଦ୍ଦିଷ୍ଟ ଥିଲା । ୧୯୭୦ ମସିହାରେ ଶିକ୍ଷକମାନଙ୍କର ମୋଟ ସଂଖ୍ୟା ଥିଲା ୫,୩୦୨ ।

ଏହା ଛଡ଼ା ଏହି ଜିଲ୍ଲାରେ ଚାରିଗୋଟି ମହାବିଦ୍ୟାଳୟ ରହିଛି । ସେଗୁଡ଼ିକ ହେଲା:— ତାଳଚେର ମହାବିଦ୍ୟାଳୟ, ଢେଙ୍କାନାଳ ମହାବିଦ୍ୟାଳୟ, ଅନୁଗୋଳ ମହାବିଦ୍ୟାଳୟ ଏବଂ ଅନୁଗୋଳ ମୌଳିକ ତାଲିମ ମହାବିଦ୍ୟାଳୟ । ୧୯୭୦ ମସିହାରେ ଏହିସବୁ ମହାବିଦ୍ୟାଳୟରେ ୯୪ ଜଣ ଅଧ୍ୟାପକ ଥିଲେ ।

"ଶିକ୍ଷା ଏବଂ ସଂସ୍କୃତି" ପରିଚ୍ଛେଦରେ ଏ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଅଛି ।

Digitized by: Odishaarchives.gov.in for Gopabandhu Academy of Administration, Odisha

**୯୦ । ଆଇନ ବ୍ୟବସାୟ**

ପୂର୍ବତନ ଗଡ଼ଜାତଗୁଡ଼ିକର ମିଶ୍ରଣ ସମୟରେ କେତେକ ଓକିଲ ଗଡ଼ଜାତ କଚେରୀମାନଙ୍କରେ ଆଇନ ବ୍ୟବସାୟ କରୁଥିଲେ । ଗଡ଼ଜାତ ମିଶ୍ରଣ ପରେ ସେମାନେ ଉଭୟ ଦିଓ୍ୱାନୀ ଓ ଫୌଜଦାରୀ ଅଦାଲତରେ ସେମାନଙ୍କର ବ୍ୟବସାୟ ଚାଲୁ ରଖିବା ପାଇଁ ଅନୁମତି ପାଇଥିଲେ । ସଂପ୍ରତି ପୂର୍ବତନ ଓକିଲତି ଓ ମୁକ୍ତିଆରି ପ୍ରଥାର ପରିବର୍ତ୍ତନ ଘଟିଅଛି ଏବଂ ଅଦାଲତମାନଙ୍କରେ ଯେଉଁମାନେ ଆଇନ ବ୍ୟବସାୟ କରନ୍ତି ସେମାନେ ଆଡ଼ଭୋକେଟ୍ ରୂପେ ପରିଚିତ ହେଉଅଛନ୍ତି ।

୧୯୬୮ ମସିହାରେ ଏହି ଜିଲ୍ଲାରେ ମୋଟ ୬୯ ଜଣ ଆଡ଼ଭୋକେଟ୍ ଥିଲେ । ସେମାନେ ହାଇକୋର୍ଟ, ଜିଲ୍ଲା ସଦର ମହକୁମା ତଥା ବିଭିନ୍ନ ସବ୍‌ଡ଼ିଭିଜନର ଅଦାଲତମାନଙ୍କରେ ଓକିଲତି କରୁଥିଲେ ।

**୯୧ । ବ୍ୟକ୍ତିଗତ ସେବା**

ଘରୋଇ ଚାକର, ଭଣ୍ଡାରୀ ଏବଂ ଧୋବା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

(କ) ଘରୋଇ ଚାକର

ସ୍ୱଚ୍ଛଳ ପରିବାରର ଲୋକେ ସେମାନଙ୍କ ଘରର ବିଭିନ୍ନ କାର୍ଯ୍ୟ ପାଇଁ ଚାକର ରଖିଥାନ୍ତି । ଘରୋଇ ମୋଟର କାର ଚାଳକ, କ୍ଲିନର, ମାଳୀ, ପୂଜାରୀ ଏବଂ ଅନ୍ୟାନ୍ୟ ଚାକର ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ମୁଖ୍ୟତଃ ମାଲିକର ସୁଖସ୍ୱାଚ୍ଛନ୍ଦ୍ୟ ଓ ଘର କାମରେ ଗୃହିଣୀମାନଙ୍କୁ ସାହାଯ୍ୟ କରିବା ସକାଶେ ସେମାନେ ନିଯୁକ୍ତ ହୋଇଥାନ୍ତି । କାର ମାଲିକ ମାସିକ ବେତନ ଦେଇ କାର ଚାଳକ ନିଯୁକ୍ତ କରନ୍ତି । ଏହି ଚାଳକ ମଧ୍ୟ କ୍ଲିନରର କାର୍ଯ୍ୟ କରେ । ମାଳୀ ମଧ୍ୟ ନିଜ କାର୍ଯ୍ୟସହ ଘରର ଅନ୍ୟ କେତେକ କାର୍ଯ୍ୟ ତୁଲାଏ । ପୂଜାରୀ ତା’ର ଦରମା ବ୍ୟତୀତ ମାଗଣା ଖାଦ୍ୟ ଏବଂ କେତେକ ସ୍ଥଳରେ ମାଗଣା ପୋଷାକପତ୍ର ମଧ୍ୟ ପାଇଥାଏ । ୧୯୬୧ ମସିହାରେ ଏହି ଜିଲ୍ଲାରେ ସବୁ ପ୍ରକାର ଘରୋଇ ଚାକରଙ୍କର ସଂଖ୍ୟା ଥିଲା ୨,୮୪୭ ।

ଜଣେ ମୋଟରକାର ଚାଳକ ମାସକୁ ସାଧାରଣତଃ ୧୫୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପାଏ । ପୂଜାରୀ ନିଜର ଖାଦ୍ୟ ଏବଂ ପୋଷାକ ବ୍ୟତୀତ ମାସକୁ ୨୦ ରୁ ୩୦ ଟଙ୍କା ପର୍ଯ୍ୟନ୍ତ ଏବଂ ଅନ୍ୟ ସବୁ ଘରୋଇ ଚାକର ମାସିକ ୧୦ ରୁ ୧୫ ଟଙ୍କା ପର୍ଯ୍ୟନ୍ତ ବେତନ ପାଇଥାନ୍ତି ।

(ଖ) ଭଣ୍ଡାରୀ

ବାଳ କାଟିବା ବାରିକ ବା ଭଣ୍ଡାରୀ ଜାତିର ଲୋକମାନଙ୍କର ପାରମ୍ପରିକ ବୃତ୍ତି । ସେମାନେ ପ୍ରାୟ ସବୁ ଗ୍ରାମରେ ରହିଥାନ୍ତି । ସହରାଞ୍ଚଳରେ ବିଶେଷକରି ଢେଙ୍କାନାଳ, ତାଳଚେର ଏବଂ ଅନୁଗୋଳ ପ୍ରଭୃତି ସହରରେ ବାରିକମାନଙ୍କ ଦ୍ୱାରା ବାଳକଟା ସେଲୁନମାନ ଖୋଲାଯାଇଅଛି । ସହରରେ ମଧ୍ୟ କେତେକ ବାରିକ ଘର ଘର ବୁଲି ବାଳ କାଟନ୍ତି ଓ କ୍ଷୌର କରନ୍ତି । ପୁରୁଷାନୁକ୍ରମେ ଗ୍ରାମ ବାରିକ ତାର ବୃତ୍ତି କରିଥାଏ । ସେ ଗୋଟିଏ ଗ୍ରାମର ପୁରା ବା ଆଂଶିକ ବାସିନ୍ଦାଙ୍କର ସେବା କରିଥାଏ । ଏଥିପାଇଁ ତାକୁ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼େନାହିଁ । ସେ ସାଧାରଣତଃ ବର୍ଷକୁ ଥରେ ତାର ପାଉଣା ପାଏ । ମାତ୍ର ଏହି ପାଉଣା ଯଥେଷ୍ଟ ନହୋଇଥିବାରୁ ବାରିକମାନେ ଅନ୍ୟ ବୃତ୍ତି ମଧ୍ୟ ଗ୍ରହଣ କରିଥାନ୍ତି । ବ୍ରତଘର ଏବଂ ବିଭାଘର ପ୍ରଭୃତି ଉତ୍ସବରେ ବାରିକ ଓ ବାରିକିଆଣୀଙ୍କର କେତେକ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି । ଏଥିପାଇଁ ସେମାନେ ଉତ୍ତମ ପାଉଣା ପାଇଥାନ୍ତି । ସହରାଞ୍ଚଳରେ ବାରିକ ବାଳକଟା ଓ ଖିଅର ସକାଶେ ସାଧାରଣତଃ ୫୦ ପଇସା ଏବଂ କେବଳ ଖିଅର ପାଇଁ ୨୦ ପଇସା ପାଏ । ବାଳକଟା ସେଲୁନମାନଙ୍କରେ ଏହି ଦର କିଛି ଅଧିକ । ୧୯୬୧ ମସିହାରେ ଏହି ଜିଲ୍ଲାରେ ୧,୦୫୨ ଜଣ ବାରିକ ଥିଲେ । ଏମାନଙ୍କ ମଧ୍ୟରୁ ୪୦୫ ଜଣ ସହରରେ ବାସ କରୁଥିଲେ ।

(ଗ) ଧୋବା

ଧୋବା ଜାତିର ଲୋକେ ଲୁଗା ସଫା କରନ୍ତି । ଗ୍ରାମାଞ୍ଚଳରେ ସେମାନେ ବାରିକମାନଙ୍କ ପରି ଗ୍ରାମର ବିଭିନ୍ନ ପରିବାରଙ୍କ ଠାରୁ ନିର୍ଦ୍ଧାରିତ ପାଉଣା ପାଇଥାନ୍ତି । ପରିବାରର ଆକାର ଏବଂ ସାମାଜିକ ପ୍ରତିଷ୍ଠା ଅନୁସାରେ ସେମାନଙ୍କର ପାଉଣା ନିର୍ଦ୍ଧାରିତ ହୋଇଥାଏ । ସେମାନଙ୍କର ସେବା ହେଉଛି ପୁରୁଷାନୁକ୍ରମିକ ଏବଂ ସେମାନଙ୍କ ମଧ୍ୟରେ ଏଥିନିମନ୍ତେ ଖୁବ୍ କମ୍ ପ୍ରତିଯୋଗିତା ହୋଇଥାଏ । ସହରାଞ୍ଚଳରେ ସେମାନଙ୍କୁ କେତେକ ସ୍ଥଳରେ ମାସିକିଆ ପାଉଣା ଦିଆଯାଏ ; ମାତ୍ର ଆଉ କେତେକ ସ୍ଥଳରେ ସଫା କରିବାକୁ ଦିଆଯାଉଥିବା ଲୁଗାର ସଂଖ୍ୟା ଅନୁସାରେ ସେମାନଙ୍କର ପ୍ରାପ୍ୟ ନିର୍ଦ୍ଧାରିତ ହୁଏ । ୧୯୬୧ ମସିହାରେ ଜିଲ୍ଲାରେ ୩,୭୪୧ ଜଣ ଧୋବା ଲୁଗା ସଫା କାର୍ଯ୍ୟରେ ନିଯୁକ୍ତ ଥିଲେ ।

Digitized by: Odishaarchives.gov.in for Gopabandhu Academy of Administration, Odisha

## ୯୨ । କାରିଗର

ଏତଦ୍‌ବ୍ୟତୀତ ଏହି ଜିଲ୍ଲାରେ ବିଭିନ୍ନ କାରିଗରୀ ବିଦ୍ୟାରେ ନିପୁଣ ଅନେକ କାରିଗର ଅଛନ୍ତି । ସଂଖ୍ୟାନୁପାତରେ ସେମାନଙ୍କର ଏକ ତାଲିକା ନିମ୍ନରେ ଦିଆଗଲା । ଏହି ତାଲିକାଟି ୧୯୬୧ ମସିହା ଜନଗଣନା ଅନୁଯାୟୀ ପ୍ରସ୍ତୁତ କରାଯାଇଅଛି ।

| କ୍ରମିକ ସଂଖ୍ୟା | ବୃତ୍ତିର ନାମ | | କାରିଗରଙ୍କ ସଂଖ୍ୟା |
|---|---|---|---|
| (୧) | (୨) | | (୩) |
| ୧ | ଟୋକେଇ ବୁଣାଳି | .. | ୮,୮୯୭ |
| ୨ | ସୂତା କଟାଳି, ବୁଣାଳି ଏବଂ ରଞ୍ଜକ | .. | ୩,୯୯୯ |
| ୩ | କୁମ୍ଭାର | .. | ୧,୯୯୭ |
| ୪ | କମାର | .. | ୧,୫୮୬ |
| ୫ | ବଣିଆ (ସୁନା ଓ ରୂପା କାରିଗର) | .. | ୧,୧୧୫ |
| ୬ | ବଢ଼େଇ | .. | ୧,୧୧୨ |
| ୭ | ବିଡ଼ି ପ୍ରସ୍ତୁତକାରୀ | .. | ୬୬୪ |
| ୮ | ଦରଜୀ | .. | ୩୮୧ |

Digitized by: Odishaarchives.gov.in for Gopabandhu Academy of Administration, Odisha

## ପରିଶିଷ୍ଟ—୧

### ୧୯୬୧ ମସିହା ଜନଗଣନା ଅନୁଯାୟୀ (ସବ୍‌ଡ଼ିଭିଜନ ଓ୍ୱାରୀ) ଜୀବିକା ନିର୍ବାହର ଶ୍ରେଣୀ ବିଭାଗ

| ସବ୍‌ଡ଼ିଭିଜନର ନାମ | କ୍ଷେତ୍ରଫଳ (ବ: କି: ମି:) | ମୋଟ ଶ୍ରମିକ | ଚାଷୀ | କୃଷି ମୂଲିଆ | ଖଣି | ଗୃହ ଶିଳ୍ପ | ଉତ୍ପାଦନ-କାରୀ | ନିର୍ମାଣ | ବ୍ୟବସାୟ ଏବଂ ବାଣିଜ୍ୟ | ପରିବହନ | ଅନ୍ୟାନ୍ୟ କାର୍ଯ୍ୟ | ଅଣ-ଶ୍ରମିକ |
|---|---|---|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) | (୧୧) | (୧୨) | (୧୩) |
| ଢେଙ୍କାନାଳ .. | ୧,୫୪୮·୭ | ୮୩,୧୭୬ | ୩୨,୦୩୮ | ୧୩,୫୧୮ | ୯୦୧ | ୧୧,୬୬୪ | ୨୬୬ | ୧୮୮ | ୧,୬୪୮ | ୧,୬୪୮ | ୧୭,୩୭୪ | ୧,୪୪,୫୩୨ |
| କାମାକ୍ଷାନଗର .. | ୨,୨୩୮·୯ | ୭୮,୮୪୭ | ୪୩,୬୮୨ | ୧୪,୫୫୪ | ୪୫୩ | ୯,୬୮୪ | ୧୪୯ | ୪୪ | ୧,୨୨୪ | ୨୩ | ୮,୯୩୪ | ୧,୩୭,୫୫୬ |
| ଅନୁଗୋଳ .. | ୨,୩୩୬·୬ | ୧୦୪,୬୦୫ | ୬୮,୬୯୭ | ୯,୯୧୬ | ୪୭୨ | ୧୦,୦୧୩ | ୪୭୧ | ୧୫୬ | ୮୨୧ | ୧୨୫ | ୧୩,୮୮୪ | ୧,୨୫,୯୩୩ |
| ତାଳଚେର .. | ୧,୦୦୪·୬ | ୪୩,୫୩୬ | ୨୫,୬୬୯ | ୫,୨୭୦ | ୨,୦୮୦ | ୨,୫୮୮ | ୧୪୬ | ୨୭୦ | ୫୭୧ | ୧୩୮ | ୬,୮୧୮ | ୭୭,୯୪୯ |
| ଆଠମଲ୍ଲିକ .. | ୧,୮୪୧·୫ | ୫୫,୦୦୫ | ୩୭,୨୨୫ | ୯,୮୩୮ | ୧୯୨ | ୨,୭୯୧ | ୫୩ | ୧୦ | ୨୫୩ | ୧୩ | ୪,୬୦୩ | ୪୫,୩୨୧ |
| ହିନ୍ଦୋଳ .. | ୮୦୮·୧ | ୩୩,୩୫୨ | ୧୮,୧୯୧ | ୫,୨୨୦ | ୫୯ | ୪,୫୬୫ | ୪୧ | ୨୧ | ୨୮୦ | ୩୩ | ୪,୯୪୨ | ୫୧,୪୩୯ |
| ପାଲଲହଡ଼ା .. | ୧,୧୬୭·୦ | ୨୬,୭୩୯ | ୧୮,୨୨୫ | ୩,୧୭୬ | ୫୨ | ୧,୫୯୫ | .. | ୨୦ | ୧୧୨ | ୨ | ୨,୪୭୭ | ୨୫,୯୪୫ |

Digitized by: Odishaarchives.gov.in for Gopabandhu Academy of Administration, Odisha

# ପରିଶିଷ୍ଟ-୨

## ୧୯୬୧ ମସିହା ଜନଗଣନା ଅନୁଯାୟୀ ସହରାଞ୍ଚଳରେ ଜୀବିକା ନିର୍ବାହର ଶ୍ରେଣୀ ବିଭାଗ

| ସହରାଞ୍ଚଳର ନାମ | କ୍ଷେତ୍ରଫଳ (ବ: କି: ମି) | ମୋଟ ଶ୍ରମିକ | ଚାଷୀ | କୃଷି-ଶ୍ରମିକ | ଖଣି | ଗୃହ ଶିଳ୍ପ | ଉତ୍ପାଦନ-କାରୀ | ନିର୍ମାଣ | ବ୍ୟବସାୟ ଏବଂ ବାଣିଜ୍ୟ | ପରିବହନ | ଅନ୍ୟାନ୍ୟ କାର୍ଯ୍ୟ | ଅଣ-ଶ୍ରମିକ |
|---|---|---|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) | (୧୧) | (୧୨) | (୧୩) |
| ଢେଙ୍କାନାଳ ମ୍ୟୁନିସିପାଲିଟି | ୪·୫୬ | ୪,୬୩୮ | ୩୩୯ | ୨୨ | ୫୦ | ୪୬୯ | ୨୦୩ | ୧୩୧ | ୫୨୩ | ୨୮୫ | ୨,୬୧୬ | ୯,୦୮୯ |
| ଭୁବନ ସହର | ୧·୫୮ | ୨,୮୧୯ | ୧,୦୬୧ | ୨୨୨ | ୨୪ | ୭୬୧ | ୮୫ | ୧୫ | ୩୨୭ | ୫ | ୩୧୯ | ୬,୫୫୭ |
| ବିଜ୍ଞାପିତ ଅଞ୍ଚଳ ଅନୁଗୋଳ | ୧୮·୯୬ | ୫,୭୨୨ | ୧,୮୦୭ | ୩୬୪ | ୧୫୦ | ୩୮୬ | ୩୯୪ | ୧୩୩ | ୨୨୮ | ୧୫୭ | ୨,୧୪୦ | ୯,୯୭୬ |
| ବିଜ୍ଞାପିତ ଅଞ୍ଚଳ ତାଳଚେର | ୧୭·୬୬ | ୨,୫୫୬ | ୨୧୨ | ୨୬ | ୧୩୬ | ୨୯୧ | ୧୪୧ | ୭୧ | ୨୮୬ | ୧୧୧ | ୧,୨୮୨ | ୫,୫୯୧ |

Digitized by: Odishaarchives.gov.in for Gopabandhu Academy of Administration, Odisha